ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/CEO(Od)/1295/22-11-2023**

# ଶେଷ ପର୍ଯ୍ୟାୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୨/୧୧/୨୦୨୩

ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୪ ଅକ୍ଟୋବର ମାସ ୨୭ ତାରିଖଠାରୁ ଆରମ୍ଭ ହୋଇ ଅଦ୍ୟାବଧି ଚାଲୁରହିଛି ଓ ଏହି ସଂଶୋଧନ କାର୍ଯ୍ୟକ୍ରମ ଆସନ୍ତା ଡିସେମ୍ବର ମାସ ୯ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଭୋଟର ତାଲିକାରେ ଯଦି କୌଣସି ପ୍ରକାରର ତ୍ରୁଟି ଥାଏ, ତାହାହେଲେ ଏହି ସମୟ ମଧ୍ୟରେ ସେଥିରେ ସଂଶୋଧନ କରାଯାଇ ପାରିବ । ଏଥି ନିମନ୍ତେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ମତେ ରାଜ୍ୟର ସବୁ ବୁଥ୍‌ରେ ୪ ଗୋଟି ସ୍ୱତନ୍ତ୍ର ଅଭିଯାନ ଦିବସ କରାଯାଇ ତ୍ରୁଟି ସଂଶୋଧନ ସହ ନୂତନ ଭାବେ ଭୋଟର ତାଲିକାରେ ନାମ ପଂଜିକରଣ ନିମନ୍ତେ ଭୋଟରମାନଙ୍କୁ ସଚେତନ କରାଯାଉଛି । ଇତି ମଧ୍ୟରେ ତିନିଗୋଟି ସ୍ୱତନ୍ତ୍ର ଅଭିଯାନ ଦିବସ ଶେଷ ହୋଇଛି ଓ ଆସନ୍ତା ତା.୨୫/୧୧/୨୦୨୩ରିଖ (ଶନିବାର) ହେଉଛି ଶେଷ ସ୍ୱତନ୍ତ୍ର ଅଭିଯାନ ଦିବସ । ଉକ୍ତ ଦିନ ରାଜ୍ୟର ସବୁବୁଥ୍‌ରେ ବି.ଏଲ୍.ଓମାନେ ଉପସ୍ଥିତ ରହି ଭୋଟରମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇଦେବା ସହ ସେମାନଙ୍କର ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ କରାଇବେ ଏବଂ ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ପଂଜିକରଣ ପାଇଁ ସବୁ ପ୍ରକାରର ସହଯୋଗ କରିବେ। ବର୍ତ୍ତମାନ ସୁଦ୍ଧା ସମଗ୍ର ରାଜ୍ୟରେ ୪ ଲକ୍ଷ ୨୫ ହଜାରରୁ ଅଧିକ ନୂତନ ଭୋଟର ତାଲିକାଭୁକ୍ତ ହେବା ପାଇଁ ଅବେଦନ କରିଛନ୍ତି ଏବଂ ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ପାଇଁ ଏକ ଲକ୍ଷ ୮୦ ହଜାର ଜଣ ଭୋଟର ଆବେଦନ କରିଛନ୍ତି । ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପୂର୍ବରୁ ଅର୍ଥାତ୍ ଅଗଷ୍ଟ-ସେପ୍ଟେମ୍ବର ମାସରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ବୁଲି ସର୍ବେକ୍ଷଣ କରାଯାଇଥିଲା । ସେତେବେଳେ ପ୍ରାୟ ୩ ଲକ୍ଷ ୮୦ ହଜାର ନୂଆ ଭୋଟରଙ୍କୁ ଭୋଟର ତାଲିକାରେ ପଂଜିକୃତ କରାଯାଇଥିଲା ଏବଂ ୨ ଲକ୍ଷ ୮୦ ହଜାର ଭୋଟଙ୍କର ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ କରାଯାଇଥିଲା । ସେହି ଭୋଟରମାନଙ୍କୁ ଖୁବ୍ ଶୀଘ୍ର ଭୋଟର ଫଟୋ ପରିଚୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ବି.ଏଲ୍.ଓ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ କାର୍ଯ୍ୟକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଭୂୟସୀ ପ୍ରଶଂସା କରିବା ସହ ଆସନ୍ତା ୨୫ ତାରିଖ (ଶନିବାର) ହେବାକୁ ଥିବା ଶେଷ ସ୍ୱତନ୍ତ୍ର ଅଭିଯାନ ଦିବସରେ ପ୍ରତି ବୁଥ୍‌ରେ ଅଂଶଗ୍ରହଣ ନିମନ୍ତେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ପ୍ରଫୁଲ୍ଲ କୁମାର ମଲ୍ଲିକ
ସୂଚନା ଅଧିକାରୀ